ରବିନ୍ଦର ସିଂହ

ବନାମ

ଏମ୍. ପି. ରାଜ୍ୟ ଏବଂ ଅନ୍ୟମାନେ

ମାର୍ଚ୍ଚ 6,1995

[କେ. ରାମାସ୍ୱାମୀ ଏବଂ ବି. ଏଲ. ହଂସାରିୟା, ନ୍ୟାୟମୂର୍ତ୍ତିଦ୍ୱୟ ]

*ସେବା ଆଇନ- ଧମକ ଦ୍ୱାରା ଇସ୍ତଫାପତ୍ର ଦାଖଲ କରାଯାଇଛି-ପ୍ରତ୍ୟାହାର-ଗ୍ରହଣକୁ ରଦ୍ଦ କରାଯାଇ ପୁନଃସ୍ଥାପନ ନିର୍ଦ୍ଦେଶ ଦିଆଯାଇଛି ।*

**ଆବେଦନକାରୀ, ଜଣେ ସହାୟକ ପୋଲିସ ସବ-ଇନ୍ସପେକ୍ଟର, କିଛି ସୂଚନା ପତ୍ର ପଠାଇବାରେ ବିଳମ୍ବ କରିଥିବା ଏବଂ ଆରକ୍ଷୀ ଅଧୀକ୍ଷକଙ୍କ ଛୁଟି ଆବେଦନର ଏକ ନକଲ ନଥିଭୁକ୍ତ କରି ରଖିବାରେ ବିଫଳ ହୋଇଥିବା ଅଭିଯୋଗ ହୋଇଥିଲା । ତାଙ୍କୁ ଧମକ ଏବଂ ଚେତାବନୀ ଦିଆଯିବାରୁ ସେ 3.1.91 ରେ ଇସ୍ତଫା ଦେଇଥିଲେ । ତଥାପି, ସେ 2.2.91 ତାରିଖରେ ତାଙ୍କ ଇସ୍ତଫା ପ୍ରତ୍ୟାହାର କରିଥିଲେ କିନ୍ତୁ ସେହି ଦିନ ଇସ୍ତଫା ଗ୍ରହଣ ହୋଇଥିଲା ।**

**ଏହି ନ୍ୟାୟାଳୟ ଆବେଦନକୁ ଅନୁମତି ଦେଇ,**

**ନିର୍ଣ୍ଣୟ କରିଥିଲେ : ଆବେଦନକାରୀ ସେବା ଜାରି ରଖିବା ପାଇଁ ଏହା ଏକ ଉପଯୁକ୍ତ ମାମଲା । ଇସ୍ତଫା ଗ୍ରହଣକୁ ରଦ୍ଦ କରାଯାଇଛି ଏବଂ ତାଙ୍କୁ ତୁରନ୍ତ ଚାକିରିରେ ପୁନଃସ୍ଥାପିତ କରାଯିବା ଉଚିତ, କିନ୍ତୁ ବିନା ପିଛିଲା ପାରିଶ୍ରମିକରେ । [520- D]**

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 4027/1995 ।

O.A. ସଂଖ୍ୟା 2698/1991ରେ ଭୋପାଳ ଠାରେ ମଧ୍ୟପ୍ରଦେଶ ରାଜ୍ୟ ପ୍ରଶାସନିକ ନ୍ୟାୟାଧିକରଣ ବିଚାରପୀଠ 31.12.92 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପକ୍ଷରୁ ସୂର୍ଯ୍ୟ କାନ୍ତ ।

ଉତ୍ତରଦାତାମାନଙ୍କ ପକ୍ଷରୁ ନୀରଜ ଶର୍ମା ଏବଂ ଏସ୍. କେ. ଅଗ୍ନିହୋତ୍ରୀ ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଅନୁମତି ପ୍ରଦାନ କରାଗଲା ।

ଆମେ ପକ୍ଷମାନଙ୍କ ପକ୍ଷରୁ ବିଜ୍ଞ ଅଧିବକ୍ତାଙ୍କୁ ଶୁଣିଛୁ । ତଥ୍ୟ ଏବଂ ପରିସ୍ଥିତି ଅନୁସାରେ, ଏହା ଜଣାପଡ଼ିବ ଯେ ଏହା ଆମର ହସ୍ତକ୍ଷେପକୁ ସମର୍ଥନ କରୁଥିବା ଏକ ମାମଲା । ଏହା ଦେଖାଯାଉଛି ଯେ ଆବେଦନକାରୀ ଆରକ୍ଷୀ

ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ସହାୟକ ଉପ-ନିରୀକ୍ଷକ ଭାବରେ କାର୍ଯ୍ୟ କରୁଥିଲେ । ଦୁଇଥର କିଛି ସୂଚନା ପତ୍ର ପଠାଇବାରେ ବିଳମ୍ବ ହୋଇଥିଲା । ଆବେଦନକାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସ୍ପଷ୍ଟୀକରଣ ଅନୁଯାୟୀ, ପଠାଇବାରେ ବିଳମ୍ବ ପାଇଁ ମୁଖ୍ୟ କିରାଣୀ ଦାୟୀ ଥିଲେ । ସେ ତୃତୀୟ ଥର ପାଇଁ ଆରକ୍ଷୀ ଅଧୀକ୍ଷକ ନେଇଥିବା ଛୁଟି ପାଇଁ ଛୁଟି ଆବେଦନର କାର୍ଯ୍ୟାଳୟ ନକଲ ରଖି ନଥିଲେ । ପ୍ରକୃତରେ, କାର୍ଯ୍ୟାଳୟ ନକଲକୁ ନଥିଭୁକ୍ତ କରି ରଖିବା ପଠାଇବା କିରାଣୀଙ୍କର କର୍ତ୍ତବ୍ୟ ନୁହେଁ ବରଂ କାର୍ଯ୍ୟାଳୟ/ମୁଖ୍ୟ କିରାଣୀଙ୍କର ଅଟେ । ଏହି ତିନୋଟି ତଥ୍ୟକୁ ଆରକ୍ଷୀ ଅଧୀକ୍ଷକ ବିଚାରକୁ ନେଇଥିଲେ ଏବଂ ଆବେଦନକାରୀଙ୍କୁ ଇଙ୍ଗିତପୂର୍ଣ୍ଣ ଧମକ କିମ୍ବା ଚେତାବନୀ ଦେଇ ଚାକିରି ଜାରି ରଖିବାରେ ଅସୁରକ୍ଷିତ ଭାବନା ସୃଷ୍ଟି କରିଥିଲେ । ସ୍ପଷ୍ଟ ଭାବରେ ପରିସ୍ଥିତିରୁ ମୁକୁଳିବା ପାଇଁ , ସେ ଜାନୁଆରୀ 3, 1991 ରେ ଇସ୍ତଫା ଦେଇଥାନ୍ତେ, କିନ୍ତୁ ତାଙ୍କୁ ସ୍ୱୀକୃତି ଜଣାଇଦିଆଯିବା ପୂର୍ବରୁ ସେ ଫେବୃଆରୀ 2, 1991 ରେ ଏହାକୁ ପ୍ରତ୍ୟାହାର କରିନେଇଥିଲେ ।ସେହିଦିନ ହିଁ ତାଙ୍କ ଇସ୍ତଫା ଗ୍ରହଣ କରାଯାଇଥିଲା ।

ଏହି ପରିସ୍ଥିତିରେ, ଆମେ ଭାବୁଛୁ ଯେ ଆବେଦନକାରୀଙ୍କ ପାଇଁ ସେବା ଜାରି ରଖିବା ଏକ ଉପଯୁକ୍ତ ମାମଲା । ତଦନୁସାରେ ଆବେଦନକୁ ଅନୁମତି ଦିଆଯାଇଛି । ଫେବୃଆରୀ 2,1991 ତାରିଖରେ ଇସ୍ତଫା ଗ୍ରହଣକୁ ରଦ୍ଦ କରାଯାଇଛି ଏବଂ ଆବେଦନକାରୀଙ୍କୁ ତୁରନ୍ତ ଚାକିରିରେ ପୁନଃସ୍ଥାପିତ କରିବା ପାଇଁ ନିର୍ଦ୍ଦେଶ ରହିବ କିନ୍ତୁ ବିନା ପିଛିଲା ପାରିଶ୍ରମିକରେ ।

ଟି. ଏନ୍. ଏ. ଆବେଦନକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମା ରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଧିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର :**

ସୁମିତ୍ରା ସାହୁ ,ଅନୁବାଦିକା,

ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।